୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.26 . No.273 Bhubaneswar Saturday December 14 2024 | ୨୬ତମ ବର୍ଷ | ସଂଖ୍ୟା–୨୭୩ ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ସିବିଆଇ ସ୍କାନରରେ ଆଇଏଏସ୍ ବିଷ୍ଣୁପଦ ସେଠୀ, ବଢ଼ିଲା ଅଡୁଆ



ଭୁବନେଶ୍ୱର,୧୩।୧୨(ପି.ଏନ): ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ ସିବିଆଇ ସ୍କାନରରେ। ଗତ ସପ୍ତାହରେ ବ୍ରିଜ୍ ଆଣ୍ଡ ରୁଫ ଇଣ୍ଡିଆ କମ୍ପାନୀ ଲାଂଚ୍ କାରବାର ମାମଲାରେ ସିବିଆଇ ଆଜି ଆଇଏଏସ୍ ଶ୍ରୀ ସେଠୀଙ୍କ ଡ୍ରାଇଭରମାନଙ୍କ ତାଲିକା ମାଗିଛି। ଶ୍ରୀ ସେଠୀ ଯେଉଁସବୁ ବିଭାଗ ଦାୟିତ୍ୱରେ ରହିଛନ୍ତି ଓ ତାଙ୍କ ସହ ଯେଉଁ ଡ୍ରାଇଭରମାନେ ରହିଛନ୍ତି ସେମାନଙ୍କର ସମସ୍ତଙ୍କର ନାମ, ଠିକଣା, ମୋବାଇଲ ନମ୍ବର ଆଦି ଦେବା ପାଇଁ ସିବିଆଇ ଚିଠି ଲେଖିଛି। ଏହା ଅତ୍ୟନ୍ତ ଜରୁରୀ ବୋଲି ମଧ୍ୟ ସିବିଆଇ ଦର୍ଶାଇଛି।ସିବିଆଇ ଡିସିପି ଅଜିତ୍ କୁମାର ପାଣ୍ଡେ ଏନେଇ ରାଜ୍ୟ ସରକାରଙ୍କୁ ଇ-ମେଲ୍ ମାଧ୍ୟମରେ ଅବଗତ କରିବା ସହ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଶ୍ରୀ ସେଠୀଙ୍କ ଡ୍ରାଇଭରମାନଙ୍କୁ ସିବିଆଇ ତା'ର ତଦନ୍ତ ପାଇଁ ଭୁବନେଶ୍ୱର ଅଫିସକୁ ଡାକିବ ବୋଲି ସୂଚନା ଦେଇଛନ୍ତି।

## ଆରଜି କର ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର,୧୩।୧୨(ପି.ଏନ): କୋଲକାତାର ବହୁଚର୍ଚ୍ଚିତ ଆର.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ଗିରଫ କରିଥିବା ଦୁଇ ଅଭିଯୁକ୍ତଙ୍କୁ ମିଳିଛି ଜାମିନ। ପ୍ରମାଣ ନଷ୍ଟ ମାମଲାରେ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଜାମିନ ଦେଇଛନ୍ତି କୋର୍ଟ। ଏହା ବ୍ୟତୀତ ଏହି ମାମଲାରେ ସାକ୍ଷୀଙ୍କୁ ପ୍ରଭାବିତ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳ ମଧ୍ୟ ଜାମିନ ପାଇଛନ୍ତି।ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ଘଟଣାସ୍ଥଳରୁ ପ୍ରମାଣ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଓ ପୂର୍ବତନ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସିବିଆଇ ଗିରଫ କରିଥିଲା। ହେଲେ ୯୦ ଦିନ ମଧ୍ୟରେ ସିବିଆଇ ଚାର୍ଜସିଟ୍ ଦାଖଲ କରିବାରେ ବିଫଳ ହେବାରୁ ଉଭୟଙ୍କୁ ଜାମିନ ମିଳିଯାଇଛି। ତେବେ ସନ୍ଦୀପ ଘୋଷଙ୍କୁ ଏବେ ତୁରନ୍ତ ଜେଲରୁ ମୁକ୍ତ କରାଯିବ ନାହିଁ। କାରଣ ଏହି ମାମଲାରେ ଆର୍ଥିକ ଅନିୟମିତତା ଅଭିଯୋଗରେ ମଧ୍ୟ ତାଙ୍କୁ ଗିରଫ କରାଯାଇଛି।

## ଉପଦେଷ୍ଟା କମିଟିର କ୍ଷୋଭ, ଅଡୁଆରେ ନବୀନ: ଆଭିମୁଖ୍ୟ ସ୍ପଷ୍ଟ କର, ତା'ପରେ ସଂଗଠନ କଥା



ଭୁବନେଶ୍ୱର,୧୩।୧୨(ପି.ଏନ): "ପ୍ରଥମେ ଦଳର ଆଭିମୁଖ୍ୟ ସ୍ପଷ୍ଟ ହେଉ, ତା'ପରେ ସଂଗଠନ କଥା । କର୍ମୀ ଓ ନେତାଙ୍କ ଭିତରେ ଅବିଶ୍ୱାସର ବାତାବରଣ ରହିଛି, ମନୋବଳ ବୃଦ୍ଧି ପାଇଁ ଦଳକୁ ତା'ର ଆଭିମୁଖ୍ୟ ସ୍ପଷ୍ଟ କରାଇବା ଦରକାର ।" ଆଜି ଏଭଳି ଢଙ୍ଗରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଗରେ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବିଜେଡିର ୧୨ଜଣିଆ ଉପଦେଷ୍ଟା ମଣ୍ଡଳୀ । ଦଳର ବରିଷ୍ଠ ନେତାମାନଙ୍କର ଏଭଳି ରୋକଠୋକ୍ କଥା ପରେ ନବୀନଙ୍କ ଅଡୁଆ ବଢ଼ିଛି । ଦଳର ବିପର୍ଯ୍ୟୟର ମୁଖ୍ୟ ସୂତ୍ରଧର ଭିକେ ପାଣ୍ଡିଆନଙ୍କୁ କୋଳେଇ ଧରିବାରର ସାଇଡ୍ ଇଫେକ୍ଟ ଏବେ ଦଳକୁ ବିଭାଜନ ଆଡକୁ ନେଇଯାଉଥିବା ନବୀନ ଅନୁଭବ କରୁଥିଲେ ମଧ୍ୟ ଅଜଣା କାରଣରୁ କିଛି ପଦକ୍ଷେପ ନେଇପାରୁନଥିବା ଜଣାପଡିଛି । ଆଜି ସନ୍ଧ୍ୟାରେ ନବୀନ ନିବାସରେ ଦଳର ଉପଦେଷ୍ଟା କମିଟିର ବୈଠକ ବସିଥିଲା । ବୈଠକରେ ନବୀନ ଅଧ୍ୟକ୍ଷତା କରିଥିଲେ । ଦଳର ବରିଷ୍ଠ ନେତାମାନେ ସଂଗଠନକୁ ସୁଦୃଢ଼ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ମାତ୍ର ତା'ପୂର୍ବରୁ ଦଳର ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ କରାଯାଉ ବୋଲି ଦାବି କରିଥିଲେ । ଦଳ ଯେଭଳି ଭାବେ ବିଜେପି ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛି ତା'ର ପ୍ରତିକୂଳ ପ୍ରଭାବ ଦଳୀୟ ସଂଗଠନ ଉପରେ ପଡୁଥିବା ନେତାମାନେ ଖୋଲାଖୋଲି କହିଥିଲେ । ଏପରିକି ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଦଳ କାହିଁକି ଶୀଘ୍ର ନିଜର ଆଭିମୁଖ୍ୟ ସ୍ପଷ୍ଟ କଲାନି ଓ ଦ୍ୱନ୍ଦ୍ୱ ଜାରି ରଖିଛି ତାହା କହିବା ସହ ନେତାମାନେ ନିଜ ନିଜର ଅସନ୍ତୋଷ ମଧ୍ୟ ନବୀନଙ୍କୁ ଅବଗତ କରାଇଛନ୍ତି । ଏହାସହିତ ଦଳର ଏଭଳି ନୀତି ଯୋଗୁ ଏବେ ସଦସ୍ୟତା ଅଭିଯାନକୁ ନେଇ ତୃଣମୂଳସ୍ତରରେ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଆଗ୍ରହ ନଥିବା ମଧ୍ୟ ନବୀନଙ୍କୁ ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ପଠାଣି ସାମନ୍ତଙ୍କ ଜନ୍ମସ୍ଥାନ ନୟାଗଡରେ ସ୍ଥାପନ ହେବ ହେବ ଏକ ପ୍ଲାନେଟାରିୟମ୍



ଭୁବନେଶ୍ୱର(ଓଡିଶା ଭାସ୍କର): ନୟାଗଡକୁ ନେଇ ଆସିଛି ଏକ ବଡ ଖବର । ପଠାଣି ସାମନ୍ତଙ୍କ ଜନ୍ମସ୍ଥାନ ନୟାଗଡରେ ସ୍ଥାପନ ହେବ ଏକ ପ୍ଲାନେଟାରିୟମ୍ । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏନେଇ ସୂଚନା ଦେଇଛନ୍ତି । ଏଥିସହିତ ୬ କୋଟି ଟଙ୍କା ବ୍ୟୟରେ ସାଇନ୍ସ ପାର୍କ ପ୍ରତିଷ୍ଠା ହେବ । ଗଣିତ ବିଶ୍ୱବିଦ୍ୟାଳୟ, ଆଷ୍ଟ୍ରୋ ଫିଜିକ୍ସ ଓ ଆଷ୍ଟ୍ରୋନୋମି ସେଣ୍ଟର ନିର୍ମାଣ ହେବ ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି । ନୟାଗଡରେ ପ୍ଲାନେଟାରିୟମ୍ ପ୍ରତିଷ୍ଠା ହେବା ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଏକ ବଡ ଖୁସି ଖବର । ସୂଚନା ମୁତାବକ, ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜନ୍ମସ୍ଥାନକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ବଡ ଘୋଷଣା କରିଛନ୍ତି । ପଠାଣି ସାମନ୍ତଙ୍କ ଜନ୍ମସ୍ଥାନ ଖଣ୍ଡପଡା ଠାରେ ରାଜ୍ୟ ସରକାର ଏକ ପ୍ଲାନେଟାରିୟମ୍ ସ୍ଥାପନ କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ ଘୋଷଣା କରିଛନ୍ତି । ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ଯେ, ନୟାଗଡ ଜିଲ୍ଲାରେ ଏକ ପ୍ଲାନେଟାରିୟମ୍ ପ୍ରତିଷ୍ଠା ହେବା ଫଳରେ ଜିଲ୍ଲାବାସୀ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଜାଣିପାରିବେ । ଏଥିସହିତ ଛାତ୍ରଛାତ୍ରୀଙ୍କ ମହାକାଶ ବିଜ୍ଞାନ ଜ୍ଞାନ ବୃଦ୍ଧିରେ ପ୍ଲାନେଟାରିୟମ୍ ଯଥେଷ୍ଟ ମାତ୍ରାରେ ସହାୟକ ହେବ ।

## ୮ମାସ ପରେ କାର୍ଯ୍ୟକ୍ଷମ ହେବ ମହାନଦୀ ଟ୍ରିବ୍ୟୁନାଲ, ଜଷ୍ଟିସ ବେଲା ଏମ ତ୍ରିବେଦୀ ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୧୩।୧୨(ପି.ଏନ): ଓଡିଶାର ଲାଇଫଲାଇନ୍ 'ମହାନଦୀ' ଜଳବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ପ୍ରାୟ ୮ମାସ ପରେ ପୁଣିଥରେ କାର୍ଯ୍ୟକ୍ଷମ ହେବ । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି । ଗତ ମାର୍ଚ୍ଚ ୧୨ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ.ଖାନୱିଲକର ଇସ୍ତଫା ଦେବାପରେ ଏହି ଟ୍ରିବ୍ୟୁନାଲ ଠପ୍ ହୋଇ ପଡିରହିଥିଲା । 'ଓଡିଶା ରିପୋର୍ଟର'ରେ ଖବର ପ୍ରକାଶିତ ହେବାପରେ ସରକାରୀସ୍ତରରେ ତତ୍ପରତା ବଢ଼ିଥିଲା ।କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜଷ୍ଟିସ ତ୍ରିବେଦୀଙ୍କୁ ଓଡିଶା-ଛତିଶଗଡ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଟ୍ରିବ୍ୟୁନାଲର ଅନ୍ୟ ଦୁଇ ସଦସ୍ୟ ଦୁଇ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ୍ କୌର କୋଚ୍ଚର ପୂର୍ବବତ କାର୍ଯ୍ୟ କରିବେ । ଏହି ଦୁଇ ସଦସ୍ୟ ଟ୍ରିବ୍ୟୁନାଲ ଆରମ୍ଭରୁ ରହିଛନ୍ତି ।

## ମୋଦୀ ସରକାରଙ୍କ ତୃତୀୟ ପାଳିରେ ୬ମାସର କ'ଣ ରହିଛି ଉପଲବ୍ଧି ? ସୂଚନା ଦେଲେ କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର

ଭୁବନେଶ୍ୱର,୧୩।୧୨(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରଥମ ଓ ଦ୍ୱିତୀୟ ପାଳି ଭଳି ତୃତୀୟ ପାଳିର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ସ୍ୱଚ୍ଛତାର ପ୍ରସାର ଏବଂ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା କେନ୍ଦ୍ର ଶିକ୍ଷା ଓ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର କହିଛନ୍ତି । ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ବିବୃତି ଦେଇ ଶ୍ରୀ ମଜୁମଦାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ୧୫ ସେପ୍ଟେମ୍ବର ଠାରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା'କୁ ନେଇ ସମ୍ପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ । ସ୍ୱଚ୍ଛତା କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଗୁରୁତ୍ୱ ଦେଇ ସରକାର ସ୍ୱଚ୍ଛ ମିତ୍ରଙ୍କୁ ସମ୍ମାନ ଦେବା ଲାଗି ପଦକ୍ଷେପ ନେଇଥିଲେ । ଜନଭାଗିଦାରୀ ବଢ଼ାଇବା ପାଇଁ ସ୍ୱଚ୍ଛତା ଅଭିଯାନରେ ଚଳିତ ବର୍ଷ ୧୭ ଲକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ ।ସେ ଆହୁରି କହିଥିଲେ, ୧୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ୪୩ ଲକ୍ଷ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବିଭିନ୍ନ ପର୍ବପର୍ବାଣୀକୁ ସ୍ୱଚ୍ଛତା ସହ ଯୋଡିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୬୪ ଲକ୍ଷରୁ ଅଧିକ ବ୍ୟକ୍ତିଗତ ଏବଂ ୬.୬୬ ଲକ୍ଷରୁ ଅଧିକ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିଛନ୍ତି । ୨୦୧୪ ପୂର୍ବରୁ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ଖୁବ୍ କମ୍ ରହିଥିଲା । ଆମ ସରକାର ଆସିବା ପରେ ୯୩ ହଜାର ୬୦୦ରୁ ଅଧିକ ୱାର୍ଡରେ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ହୋଇଛି । ସାରା ଦେଶରେ ବର୍ଜ୍ୟବସ୍ତୁର ବ୍ୟବସ୍ଥିତ ସଂଗ୍ରହ ୯୭% ୱାର୍ଡରେ ପହଞ୍ଚି ପାରିଛି । ଏହା ସରକାର ବହୁତ ବଡ ଉପଲବ୍ଧି ବୋଲି ସେ କହିଥିଲେ ।କେନ୍ଦ୍ର ମନ୍ତ୍ରୀ କହିଥିଲେ, ଦୀନଦୟାଲ ଉପାଧ୍ୟାୟ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଜରିଆରେ ୩୯.୩୯ ଲକ୍ଷ ଜୀବିକା ସୁଯୋଗ ସୃଷ୍ଟି କରାଯାଇଛି । ସହରରେ ବାସହୀନମାନଙ୍କୁ ଆଶ୍ରୟ ଦେବା ଲାଗି ୨ହଜାର ଆଶ୍ରୟସ୍ଥଳୀ ଖୋଲାଯାଇଛି ଯେଉଁଥିରେ ୧ ଲକ୍ଷ ୪୧ ହଜାରରୁ ଅଧିକ ବାସହୀନ ଲୋକ ରହିପାରିବେ। ସାଧାରଣ ଲୋକଙ୍କ ଜୀବନକୁ ସହଜ ଓ ସରଳ କରିବା ଲାଗି ଆମ ସରକାର କାମ କରୁଛନ୍ତି । ଦେଶରେ ୧୦୦ ସ୍ମାର୍ଟସିଟି ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ଏଥିରେ ୧ ଲକ୍ଷ ୬୭ହଜାର କୋଟିରୁ ଅଧିକ ଟଙ୍କା ନିବେଶ ପାଇଁ ବ୍ୟବସ୍ଥା କରାଯାଇଛି । ସ୍ମାର୍ଟସିଟିରେ ଆଧୁନିକ ପରିବହନ ଠାରୁ ଡିଜିଟାଲ ତଥ୍ୟ ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ସେଣ୍ଟର ଖୋଲାଯାଇଛି । ଜନସାଧାରଣଙ୍କ ସୁରକ୍ଷା ପାଇଁ ଦେଶର ବିଭିନ୍ନ ସହରାଞ୍ଚଳରେ ୮୩ ହଜାରରୁ ଅଧିକ ସିସି ଟିଭି କ୍ୟାମେରା ଲଗାଯାଇଛି । ଏହାସହିତ ପ୍ରାୟ ୧୬ ଲକ୍ଷ ଏଲଇଡି ବଲବ ଲଗାଯାଇଛି ।

## ପ୍ରେମିକା ପାଇଁ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ; ଗାଁ ଲୋକଙ୍କୁ କହିଥିଲେ ଆଇମାଆ କାହାଣୀ





ଭୁବନେଶ୍ୱର,୧୩।୧୨(ପି.ଏନ): ପ୍ରେମିକା ପାଇଁ ରାତି ଅଧରେ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ। ଧରା ପଡିଯିବା ଭୟରେ ପିସ୍ତଲକୁ ଭାତ ହାଣ୍ଡିରେ ଲୁଚାଇ ରଖିଥିଲେ। ଆଉ ଗାଁ ଲୋକ ଓ ପୁଲିସ୍ ଆଗରେ କହିଥିଲେ ଆଇମାଆ କାହାଣୀ। ଗତ ବୁଧବାର ସୁନ୍ଦରଗଡ ଜିଲ୍ଲାରେ ଘଟିଥିବା ଏହି ବୀଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ୍। ଏହି ମାମଲାରେ ହତ୍ୟାକାରୀ ସ୍ୱାମୀ ଓ ପୁଲିସ୍ ଏଏସ୍ଆଇ ଭିଶୋଇଙ୍କୁ ଗିରଫ କରିଛି ପୁଲିସ୍।ଟିକାୟତପାଲି ଥାନା ଝିରଡାପାଲି ଗାଁର ଦେବେନ୍ ବେହେରା ପେସାରେ ହେଉଛନ୍ତି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(PEO)। ସେ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ଭିତରେ ସେ ଜଣେ ଯୁବତୀଙ୍କ ପ୍ରେମରେ ପଡିଥିଲେ। ଉଭୟ ପରସ୍ପରକୁ ଭଲ ପାଉଥିଲେ। ବିବାହ କରିବା ପାଇଁ କେତେ କ'ଣ ସ୍ୱପ୍ନ ଦେଖୁଥିଲେ। ହେଲେ ପରିବାର ଲୋକେ ଦେବେନଙ୍କ ପ୍ରେମକୁ ସ୍ୱୀକୃତି ଦେଉନଥିଲେ। ବୁଝାଇ ସୁଝାଇ ପ୍ରେମିକାଙ୍କଠାରୁ ଦୂରେଇ ନେଇଥିଲେ। ହେଲେ ଦେବେନ ତାଙ୍କ ପ୍ରେମିକାଙ୍କୁ ଭୁଲି ପାରୁନଥିଲେ। ପରିବାର ଲୋକଙ୍କ ଅଜଣାତରେ ନିୟମିତ ବ୍ୟବଧାନରେ ପ୍ରେମିକାଙ୍କୁ ଫୋନ୍ କରୁଥିଲେ ଓ ଭେଟାଭେଟି କରୁଥିଲେ ଦେବେନ।

ଦଶାହ ଉପଲକ୍ଷେ



ସ୍ୱର୍ଗତ ଯଶୋଦା ମଞ୍ଜରୀ ବେହେରା

ଆବିର୍ଭାବ : ୧୪.୧୦.୧୯୪୯
ତିରୋଧାନ : ୦୫.୧୨.୨୦୨୪

ମା' ତୁମେ ମମତାର ସୀମାହୀନ ସାଗର,
ମା' ତୁମେ ଆମପାଇଁ ମମତାର ମନ୍ଦିର ॥
ତୁମରି ମମତାମୟ ପଣତରେ ତୁମେ ବାନ୍ଧି ରଖିଥିଲ
ଆମ ସମସ୍ତଙ୍କୁ,
ଆଜି ତୁମେ ଆମଠାରୁ ଅନେକ ଦୂରରେ,
ସେହି ଦୂର ଆକାଶରେ ତାରାଟିଏ ହୋଇ
ଆମକୁ ଆଶିଷ ଦିଅ ।
ତୁମ ଅମର ଆତ୍ମାକୁ ଆମର ଆୟୁତ ପ୍ରଣାମ ।

ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ

ସାଇ ବିଜ୍ଞାନ ଏକାଡେମୀ, ଜାନୁଗଞ୍ଜ, ଭଦ୍ରକ










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ



ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ୍) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଇଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ । ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲାନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା । ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ । ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ । ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ । ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ । ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପରିବର୍ତ୍ତନକୁ ତିଳକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠୀଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନି ଘଟିଲା । ତିଳକ କଠୋର ଭାଷାରେ ସମାଲୋଚନା କରି ଇଂରେଜମାନଙ୍କ ଚକ୍ଷୁଶୂଳ ହେଲେ । ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭାଗ୍ୟଜନକ । ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଓଜସ୍ୱୀ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ । ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ । ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଅକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା । ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ସାହାଯ୍ୟ ଦେବା ଦାବୀ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା । ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଣ୍ଟ ଆୟରଷ୍ଟଙ୍କୁ ହତ୍ୟା କରିଦେଲେ । ଏହି ଘଟଣାରେ ଚାପେକର ଭ୍ରାତୃଦ୍ୱୟଙ୍କୁ ଫାଶୀଦଣ୍ଡ ମିଳିଥିଲା । ତିଳକ ନିର୍ଦ୍ଦୋଷ ଥିଲେ ମଧ୍ୟ ପିନାଲ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତାମାନେ ଆପତ୍ତି ଉଠାଇଲେ । ସାଂସଦ ଉଇଲିୟାମ୍ ହଂଟର ଓ ପ୍ରଫେସର୍ ମ୍ୟାକ୍ସ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ । ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା । ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ । କଲିକତା ଅଧିବେଶନରେ ବଙ୍କିମ୍‌ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍‌ଦଣ୍ଡ ଭୋଗ କରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା । ବିଶୃଙ୍ଖଳା ଚରମସୀମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ । ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ । ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍‌ସଫୋର୍ଡ୍‌ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ । କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ । ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ



ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଟଙ୍କା ଅର୍ଥଦଣ୍ଡ । ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ ସଶ୍ରମ ଜେଲ୍‌ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ । ଆବେଦନ ନାମଂଜୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ X ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ । କୁଲକର୍ଣ୍ଣି ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ । ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା । ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା ।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ । ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ । ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ । ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍‌ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା । ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ । ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି ।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଳକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

**ଅକ୍ଷୟ କୁମାର ରାଉତ**, ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି । ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି । ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ । ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି । ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ । ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା । ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି । ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି । ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି । ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି । ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି । କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି । ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି । ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି । ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି । ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି ।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ । ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି । ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି । ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁର' ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ପୂର୍ବତଟ ରେଲୱେ କର୍ମଚାରୀଙ୍କର ନିର୍ବାଚନରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିଜୟ

ଭୁବନେଶ୍ୱର,(ପି.ଏନ): ଗତ ତା. ୪, ୫ ଓ ୬ ଡିସେମ୍ବର ଅନୁଷ୍ଠିତ ଗୁପ୍ତ ଭୋଟରେ ଶ୍ରୀ ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଇଷ୍ଟ କୋଷ୍ଟ ରେଲୱେ ଶ୍ରମିକ ସଂଘ ୧୮୪୬୧ ପାଇଁ ଏକ ନମ୍ବର ଭାବେ ସ୍ୱୀକୃତି ପାଇବା ପାଇଁ ହକ୍‌ଦାର ହୋଇଥିବାରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ତଥା ଜାତୀୟ ଉପସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଓ ରେଲୱେ ମେନସ୍ କଂଗ୍ରେସର ସାଧାରଣ ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଏନ୍.ଏଫ.ଆଇ.ଆର ଜାତୀୟ ସାଧାରଣ ସମ୍ପାଦକଙ୍କ ଶ୍ରୀ ରାଘବୟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏନ୍.ଏଫ.ଆଇ.ଆର ସାରା ଭାରତ ବର୍ଷରେ ୧୩ଟି ଜୋନ୍‌ରେ ଅଧିକ ଭୋଟ ପାଇଛନ୍ତି ।

ନିକଟ-ଅତୀତରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଅନୁବନ୍ଧିତ ରାଉରକେଲା ଶ୍ରମିକ ସଂଘ, ରାଉରକେଲା ଷ୍ଟିଲ ପ୍ଲାଂଟରେ, ଏନ୍.ଟି.ପି.ସି ଏମ୍ପ୍ଲୋଇଜି ୟୁନିଅନ, ଏନ୍.ଟି.ପି.ସି. ସୁପର ଥରମାଲ କଣିଆରେ ଓ ନାଲ୍‌କୋର ଦୁଇଟି ୟୁନିଟ୍‌ରେ ଗୁପ୍ତ ଭୋଟରେ ବିଜୟ ହାସଲ କରିଛି ।ଏ ଣ ରେଲୱେ କର୍ମଚାରୀ ସମେତ ସମସ୍ତ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଅଭିନନ୍ଦନ ଜଣାଇଛନ୍ତି ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, ସମସ୍ତ ଅସଂଗଠିତ ଶ୍ରମିକ ମାନଙ୍କର ସଂଗଠନକୁ ମଜଭୂତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଡିସେମ୍ବର ୧୪

# ଯମ ପଦ ନର ସଭ୍ୟତାରେ କ'ଣ ?



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଯମର ପ୍ରକୃତ ଅର୍ଥ ନିୟମ କାନୁନ ସଂସାର ଚଳିବାକୁ ଅନେକ ନିୟମ କାନୁନ ବନ୍ଧା ଯାଇଛି। ପ୍ରଜାପତି ବ୍ରହ୍ମା ଯମର ପଦବୀ ଜାହିର କରିଛନ୍ତି। ଯେ ଦଣ୍ଡଧାରୀ ରାଜା ଯେଉଁ ପାପୀ କଳୁଷିତ କର୍ମକର୍ତ୍ତା ସେଇ ମାନଙ୍କୁ ଦଣ୍ଡ ଦେବା ଦାୟିତ୍ୱ ତାଙ୍କୁ ଅର୍ପଣ ବ୍ରହ୍ମା କରିଛନ୍ତି। ବ୍ରହ୍ମା ଅର୍ଥ ସୃଷ୍ଟିକର୍ତ୍ତା। ଯେ ସୁସ୍ଥ ସୁନ୍ଦର ଭାବରେ ସୃଷ୍ଟି ଚଳାଇବାକୁ କିଛି କାନୁନ ରଚିଛନ୍ତି। ଏହାକୁ ଠିକ ଭାବରେ କରିବାକୁ ଅନେକଙ୍କୁ ମୁତୟନ ରଖିଛନ୍ତି, ଦଶଦିଗପାଳ ସ୍ଥିତିରେ ବ୍ରହ୍ମା ସର୍ବ ଉପରେ ଓ ସବୁଠାରୁ ତଳେ ଅନନ୍ତ ଶକ୍ତି ଯେ ସୃଷ୍ଟି ଧାରଣ କରିଛନ୍ତି। ସୃଷ୍ଟିର ରକ୍ଷା କେବଳ ପୁଣ୍ୟ ସଞ୍ଚାର ଦ୍ୱାରା ହିଁ ତିଷ୍ଠି ପାରେ ପାପ ପ୍ରଭାବ ଦ୍ୱାରା ନୁହେଁ।

ମନୁଷ୍ୟ ମର ମାତ୍ର ସେ ଯେତେ ଦିନ ବଞ୍ଚିବ ସେ ସମୟକୁ ସେ ତାର ମନମୌଜିରେ ନିଜ ଇଛାରେ ନିଜ ଧାରାରେ ଚଳାଇ ବଞ୍ଚିବାକୁ ଚାହେଁ। ସଂସାର ଚଳାଇବା ସମ୍ବିଧାନକୁ ବ୍ୟକ୍ତି ଯଦି ନିଜ ଇଛାରେ ନେବ ତେବେ ସୃଷ୍ଟିରେ ଆଲୋଡ଼ନ ନିଶ୍ଚୟ ହେବ। ମହାଭୂତମାନେ ଅସ୍ଥିର ହୋଇ ଉତ୍ପାତି କରିବେ ଦିଗପାଳମାନେ ବ୍ୟତିବ୍ୟସ୍ତ ହେବେ, ଅନନ୍ତ ନାଗଙ୍କୁ ପାପ ଭାର ଅଧିକ ଯୋଗୁ ସେ କଡ଼ ଲେଉଟାଇବେ। ସୃଷ୍ଟି ଚଳାଇବା ସମ୍ବିଧାନର ଧାରା ଯୁକ୍ତି ଯୁକତ ଦେଖା ଶୁଣା ଦାୟିତ୍ୱ ଯମରାଜଙ୍କର ଯେ ସମ୍ବିଧାନକୁ ଯଥାଯମ ରକ୍ଷା କରିବା ଦାୟିତ୍ୱରେ ଥିବା ନ୍ୟାୟ ପାଳିକା ଓ ପୋଲିଶ ବାହିନୀ ହାତରେ ମନୁଷ୍ୟମାନେ ନ୍ୟସ୍ତ କରିଛନ୍ତି। ପ୍ରକୃତରେ ଏମାନେ ଯମଙ୍କର ମନୁଷ୍ୟ ପ୍ରତିନିଧି ବିଚାରପତିମାନେ ଧର୍ମରାଜ ଆଖ୍ୟାରେ ରହିଛନ୍ତି। ପୋଲିଶ ଯଗୁଆଳି ଯମଦୂତ। ଯମଦୂତ ଧର୍ମ ରାଜଙ୍କ ଉଦ୍ଦେଶ୍ୟରେ ତାଙ୍କପୁର ବିଚାରାଳୟକୁ ପଠାନ୍ତି ସେଠାରେ ବିଚାର ହୋଇ ଅଭିଯୋଗର ବିଶ୍ଳେଷଣ ହୋଇ ଦଣ୍ଡ ଦିଆଯିବା ସ୍ଥିର ବା ମୁକ୍ତି ସ୍ଥିର କରାଯାଏ। ସ୍ଥୁଳ ଶରୀରରେ ଯମପୁରକୁ ଯିବା କ୍ୱଚି ପ୍ରାୟ ଶତକଡ଼ା ହିସାବରେ ୯୯.୯୯% ସ୍ଥୁଳ ରକ୍ତମାଂସ ଶରୀରରେ ଯୋଉଛନ୍ତି। ସୂକ୍ଷ୍ମ ଶରୀରକୁ ଯନ୍ତ୍ରଣା କଷ୍ଟ ସହ୍ୟ କରିବାକୁ ପଡ଼େ। ମର୍ତ୍ତ୍ୟର କର୍ମଫଳ ଅନୁସାରେ ଚିତ୍ରଗୁପ୍ତ ବୟାନ କରାଯାଏ ଚିତ୍ରଗୁପ୍ତଙ୍କ ସବୁ ସମୟରେ ଚରିତ୍ର ପାଞ୍ଜି ମର୍ତ୍ତ୍ୟବାସୀଙ୍କର ଲେଖା ଚାଲିଛି। ଯମପୋଥିରେ ଉତକୋଚ ଧାରା ପ୍ରତିପତ୍ତି ଆଭିଜାତ୍ୟ ୟୁନିଭରସିଟି ସାର୍ଟିଫିକେଟ ଏହାର କିଛି ମୂଲ୍ୟନାହିଁ। ଧର୍ମରାଜ ଶୁଦ୍ଧିଭିତ୍ତି ଧର୍ମକାନ୍ତ ଜନ ହୋଇ ତାଙ୍କୁ ନର୍କବାଟେ ଯିବାକୁ ପଡ଼ିଥିଲା। ସପ୍ତ ଚିରଞ୍ଜିବୀ ଅଛନ୍ତି ଯମଗୁରୁ ଯିବା ହୋଇନାହିଁ। ମହାନଶୈଶବ ମାର୍କଣ୍ଡେୟ ଯମ ଦଉଡିରେ ବନ୍ଧା ହୋଇ ଶିବ ଅନୁକମ୍ପାରୁ ସାତକଳ୍ପ ପର୍ଯ୍ୟନ୍ତ ଆୟୁ ପାଇଛନ୍ତି। ତ୍ରିଶଙ୍କୁ ଋଷି ତପୋବଳରେ ଅଧା ସ୍ୱର୍ଗରେ ରହିଛନ୍ତି। ଏସବୁ ଲୋକ ନଜିର ବିଷୟ। ରାଜ ଶାସନ ସର୍ବତ୍ର ଅଛି। ଗଣତନ୍ତ୍ର ହେଉ କମ୍ୟୁନିଷ୍ଟ ଶାସନ ହେଉ ରାଜତନ୍ତ୍ର। ଏମାନେ ସ୍ୱ ପରିଷଦରେ ମନ୍ତ୍ରୀ ପୁରୋହିତ, ଜ୍ୟୋତିଷୀ, ପରୀକ୍ଷକ, କରଣ ଡଗର, ତାଡନୀୟ ଅର୍ଥ ରକ୍ଷକ ଆସୁକରକ୍ଷକ ପ୍ରତିହାରୀ ଓ ଦଣ୍ଡକାର ପ୍ରାଚୀନ ପଦ୍ଧତିରେ ରହୁଥିଲେ ଏ ସମୟକୁ ପରିକ୍ଷକ କରଣ ତାଡ଼ନୀୟ ଦଣ୍ଡକାର ଏମାନେ ଅଛନ୍ତି। ମାତ୍ର ତାଙ୍କର ଭିନ୍ନ ନାମ ଅଛି। ତାଡ଼ନୀୟ ଦଣ୍ଡକାର ଏ ସବୁ ପୋଲିଶର କାମ। ରାଜତନ୍ତ୍ରରେ ଚାରି ନିତ ଅଛି। ଏ ମଧ୍ୟରେ ଦଣ୍ଡନୀତି କୁଡ଼ର ଲୋକେ କାନୁନକୁ ମାନି ଚଳୁଛନ୍ତି। ଏହି ଦଣ୍ଡ ନୀତିକୁ ତାଡ଼ନୀୟ ମାନେ ଯୌଥ ହୋଇ କଳହ ଦିଗରେ ହୈଚୈ କରିବାକୁ ତାଡ଼ନ କରିବାକୁ ରାଜକର୍ମଚାରୀ ମୁତୟନ ଅଛି।

ପୋଲିଶର ଭିନ୍ନ ବିଭାଗ ରହିଛି। ଏମାନଙ୍କର ଆଭ୍ୟନ୍ତରୀଣ ସମସ୍ୟାକୁ ସେହି ବିଭାଗରେ ବିଚାର କରାଯାଇଥାଏ। ଯେଉଁ କାନୁନରେ ବିଭାଗ ଚାଲୁଛି। ତାହା ସାର୍ବଜନୀନ ନୁହଁ। କଟୁ ବାକ୍ୟ ସନ୍ଦେହୀ ଅପରାଧିଙ୍କୁ ନକହିଲେ କେବେ ସତ୍ୟ ଉନ୍ମୋଚିତ ହୁଏନାହିଁ। ଏପାଇଁ କଟୁଆଳ ପୂର୍ବେ କୁହାଯାଉଥିଲା। ଏମାନଙ୍କର ଏକ ବିଭାଗ ଚୌକି ଲଗାନ୍ତି। ଏ ପାଇଁ ଚୌକିଦାର ପଦବୀ ପୂର୍ବେ ଥିଲା। ଏବେ ଉଠି ଯାଇଛି ତଥାପି ପ୍ରହରୀ ରକ୍ଷୀ ପଦବୀ ବି ଅଛି। ଏକ ଛକରେ ପ୍ରହରେ ତିନିଘଣ୍ଟା ଡିଉଟି କରୁଛନ୍ତି। ସ୍ଥାନକୁ ରକ୍ଷା କରୁଛନ୍ତି। ନେପାଳ ଏକ ହିନ୍ଦୁ ରାଷ୍ଟ୍ର ରାଜତନ୍ତ୍ରରେ ଶାସନ ଥିଲା। ଏବେ ଲୋକତନ୍ତ୍ର ଶାସନ ହୋଇଯାଇଛି। ଏଠାରେ ପୋଲିଶଙ୍କର କାର୍ଯ୍ୟାଳୟରେ ଲେଖା ଅଛି ବଡ଼ା ପ୍ରହରୀ କାର୍ଯ୍ୟାଳୟ। ଥାନାରେ ଇନଚାର୍ଜ ପଦବୀ ଏବେ ଆମ ଭାରତରେ ଅଛି। ବିଭିନ୍ନ ସମୟରେ ମୁଖ୍ୟ ଅଫିସରର ବିଶ୍ରାମ ପାଇଁ ବା କର୍ମ ଉଦ୍ଦେଶ୍ୟରେ ତଦନ୍ତରେ କେଉଁ ଆଡ଼େଗଲେ ଅଫିସ ଆସନ ଖାଲି ରହେନାହିଁ। ଏ ସମୟରେ ଚେୟାରପର୍ଶନ ବା ଇନଚାର୍ଜ ଦାୟିତ୍ୱରେ ରହିଥାନ୍ତି। ସର୍ବତ୍ର ପଦବୀ ଅନୁସାରେ ଦାୟିତ୍ୱ କର୍ମ ନିର୍ବାହ କରାଯାଉଛି। ଏଥିରେ ଏହାର ଯମ ପ୍ରଶାସନରେ ଛାୟା ରହିଛି। ଏମାନେ ଶାନ୍ତି ରକ୍ଷକ, ଶାନ୍ତି ହେଲା ଭାଇଚାରାରେ ପାରିବାରିକ ସମ୍ବନ୍ଧ ବନ୍ଧୁ ବାନ୍ଧବରେ ସମସ୍ତେ ଚଳିଯିବା। ଅପହରଣ ଶାନ୍ତି ପ୍ରତିହିତ ତାପରେ ପୋଲିଶଙ୍କର କାର୍ଯ୍ୟ। ସରକାରରେ ଗୃହମନ୍ତ୍ରଣାଳୟ ରହିଛି ଏସବୁ ରାଜ୍ୟରେ ଆଭ୍ୟନ୍ତର ବ୍ୟବସ୍ଥା ତଦାରଖ ଧନ୍ଦା, ଏହି ବିଭାଗ ସହିତ ପୋଲିସ ବିଭାଗ ଜଡ଼ିତ। କଠୋର ପୋଲିସ ଚୌକି କଂସରାଜଙ୍କର ଥିଲା। ନିଜର ପିତା ଉଗ୍ରସେନ ତାର ମୁଖ୍ୟ କର୍ତ୍ତା ଥିଲେ। ସେ ଦିନ ଚାରିମେଘ ଏକ ହୋଇ ବର୍ଷା କରାଉଥିଲେ ଚାରିଆଡ଼େ ଶୂନଶାନ ଏହା ସହିତ ଘୋର ରାତ୍ରୀ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଉଗ୍ରସେନ ଜାଗ୍ରତ ରହି କୃଷ୍ଣଙ୍କ ସ୍ଥାନାନ୍ତର ନିଜର ଜାମାତା ଦ୍ୱାରା କରାଗଲେ ବି ତାଙ୍କୁ ଛାଡ଼ିନଥିଲେ କୃଷ୍ଣ ଯଦି ଉପରବାଲା ତେବେ ତାଙ୍କର ଆଇ.ଡି. ମାଗିଥିଲେ। ଶଙ୍ଖଚକ୍ରଚିହ୍ନ ଦେଖି ଉଗ୍ରସେନ ଛାଡ଼ିଥିଲେ। ଅତଏବ ଯମ ଯମଦୂତ ମର୍ତ୍ତ୍ୟରେ ଏଇ ପୋଲିଶ ବିଭାଗ ଦ୍ୱାରା ସମ୍ପାଦିତ ହେଉଛି। ଏ କାର୍ଯ୍ୟ ସହଜ ନୁହଁ ସର୍ବଦା ମୋଟା କନା ପୋଷାକ ଅଣ୍ଟାରେ ଚମଡ଼ା ବେଲଟ ପାଦରେ ଯୋତା କାହାରି ପାଖରେ ବନ୍ଧୁକ ପିସ୍ତଲରେ ୟୁନିଫର୍ମ। ଅନେକ କଷ୍ଟକର କର୍ମ। ଏମାନଙ୍କର କାର୍ଯ୍ୟ ଶାନ୍ତିରକ୍ଷା। ଏ ହେଲା କଲେ ଅଶାନ୍ତି ବ୍ୟାପିଯିବା ସମ୍ଭାବନା ରହିଛି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ବିଦ୍ୟାର୍ଥୀଙ୍କ ପାଇଁ ବରଦାନ ପି.ଏମ୍. ବିଦ୍ୟାଲକ୍ଷ୍ମୀ



ବାଦଲ ଭୂୟାଁ

ଓଡ଼ିଶାରେ ବିଜେପି ସରକାର ଓ କେନ୍ଦ୍ରରେ ମୋଦିଜୀଙ୍କ ବିଜେପି ସରକାର, କହିବାକୁଗଲେ ଡବଲ ଇଞ୍ଜିନ ସରକାର ବିଶେଷକରି ଓଡ଼ିଶାର ଶିକ୍ଷାକ୍ଷେତ୍ର ପାଇଁ ଫୋକସ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତ ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶା ସ୍ଥାନ ପାଇଥିବାରୁ ଓଡ଼ିଶାର ଶିକ୍ଷାକ୍ଷେତ୍ର ଏବେ ଅନେକ ଅଗ୍ରଗତି କରୁଛି। ଅର୍ଥ ପାଇଁ କୌଣସି ମେଧାବୀ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ଯେପରି ବଞ୍ଚିତ ନହେବେ ସେମାନଙ୍କ ପାଇଁ ସର୍ବୋପରି ଅସହାୟ ଓ ଗରିବ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ନିମିତ୍ତ ଉଚ୍ଚ ଶିକ୍ଷା ଦିଗରେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା ପ୍ରୋତ୍ସାହନ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୩୬ଶହ କୋଟି ଟଙ୍କା ବ୍ୟୟର ଏହି ଯୋଜନାକୁ ମଞ୍ଜୁରୀ ଦେଇଛି ଯାହାକି ଉଚ୍ଚଶିକ୍ଷାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ସବୁଠାରୁ ବଡ଼ କଥା ହେଉଛି ଏହାର ଶ୍ରେୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଓଡ଼ିଶା ବିଜେପିର ବଡ଼ ଚେହେରା ତଥା ମୋଦିଜୀ ଓ ଅମିତ ଶାହାଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ଅନୁଗତ କୁହାଯାଉଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ଏହି ଶ୍ରେୟ ଦିଆଯିବ। ଏହି ଯୋଜନାରେ ଉଭୟ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନର ମେଧାବୀ ଛାତ୍ରଛାତ୍ରୀମାନେ ଆର୍ଥିକ ସୁଫଳ ପାଇବେ। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ସୁପାରିଶ କରାଯାଇଥିଲା।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥ ବାଧକ ହୋଇଥିବାରୁ ଏହି ଯୋଜନା ଅନୁଯାୟୀ ଯେ କୌଣସି ଛାତ୍ରଛାତ୍ରୀ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ପରିମାଣର ପାଠ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ସହ ଟ୍ୟୁସନ ଫି ସବୁକିଛି ଉପଲବ୍ଧ ହେବ। ଦେଶର ୮୬୦ଟି ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହାର ସୁଫଳ ପାଇବେ। ସବୁଠାରୁ ବଡ଼ କଥା ହେଉଛି ଏନଆଇଆରଏଫ ମାନ୍ୟତାରେ ବର୍ଗ ଆଧାରିତ ଓ ଡୋମେନ ଆଧାରିତ ର୍ୟାଙ୍କିଂ ସହିତ ଶୀର୍ଷ ୧୦୦ ଶିକ୍ଷାନୁଷ୍ଠାନରେ ସ୍ଥାନିତ ଶିକ୍ଷାନୁଷ୍ଠାନ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ୍ୟତାରେ ୧୦୧ରୁ ୨୦୦ ମଧ୍ୟରେ ସ୍ଥାନ ପାଇଥିବା ଅନୁଷ୍ଠାନ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ଲାଗୁ ହେବ। ଏହାସହ ୭.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ବକେୟା ଖିଲାପି ଉପରେ ଛାତ୍ରଛାତ୍ରୀ ୭୫% ଋଣ ଗ୍ୟାରେଣ୍ଟି ପାଇପାରିବେ ଯାହାଦ୍ୱାରା ଏହି ଯୋଜନା ଅଧୀନରେ ଆସୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଋଣ ପାଇଁ ବ୍ୟାଙ୍କ ଗୁଡ଼ିକ ସହଯୋଗ ଦେବେ। ଯୋଜନା ଲାଗୁ ହେବାପରେ ଉଚ୍ଚଶିକ୍ଷା ବିଭାଗର ଏକ ସମନ୍ୱିତ ପୋର୍ଟାଲ ପି.ଏମ. ବିଦ୍ୟାଲକ୍ଷ୍ମୀ ରହିବ। ଯେଉଁଥିରେ ଛାତ୍ରଛାତ୍ରୀମାନେ ସମସ୍ତ ବ୍ୟାଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଥିବା ସରଳୀକୃତ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷାଋଣ ଓ ସୁଧ ଛାଡ଼ ପାଇଁ ଆବେଦନ କରିପାରିବେ। ଇ-ଭାଉଚର ଓ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି ୱାଲେଟ ଜରିଆରେ ସୁଧ ରିହାତି ମିଳିବ। ଭାରତର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ବିଶେଷକରି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଯୋଜନା ରଖିଥିବା ଆମ ଲୋକପ୍ରିୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କ କହିବା ଅନୁଯାୟୀ ଭାରତର ପ୍ରତିଭାବାନ ଯୁବକ ଯୁବତୀଙ୍କୁ ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଗ୍ୟାରେଣ୍ଟି। ପି.ଏମ୍. ବିଦ୍ୟାଲକ୍ଷ୍ମୀ ମଞ୍ଜୁର ହେବା ପରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଆଉ ରହିବ ନାହିଁ। ଏହି ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାର୍ଥୀମାନେ ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟର ମାଗଣା ଶିକ୍ଷା ଋଣ ପାଇପାରିବେ। ଧର୍ମେନ୍ଦ୍ର ବାବୁଙ୍କ ଭିଜନ ଅନୁଯାୟୀ ସ୍ୱଚ୍ଛ, ପାରଦର୍ଶୀ ବିଦ୍ୟାର୍ଥୀ ସହଯୋଗୀ ଓ ଡିଜିଟାଲ ଆପ୍ଲିକେସନରେ ସମସ୍ତ ବ୍ୟାଙ୍କ ଦ୍ୱାରା ଶିକ୍ଷାଋଣ ପ୍ରଦାନ କରାଯିବ। ପି.ଏମ.ବିଦ୍ୟାଲକ୍ଷ୍ମୀ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ ବୋଲି ତାଙ୍କ ମତ।

ଓଡ଼ିଶାରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଋଣ ଏବଂ ଅର୍ଥ ସହ ଶିକ୍ଷାଗତ ପ୍ରୋତ୍ସାହନ ସେମାନଙ୍କ ଆଗକୁ ଯିବା ପାଇଁ ବଡ଼ ପ୍ରତିବନ୍ଧକ ହୋଇଥାଏ। ସରକାରୀ ଅନୁଷ୍ଠାନ ବ୍ୟତୀତ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବରଦାନ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ଅତ୍ୟନ୍ତ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେଉଥିବାରୁ ଏହି ଯୋଜନା ଅତ୍ୟନ୍ତ ବରଦାନ ସାବ୍ୟସ୍ତ ହେବ। ସବୁଠାରୁ ବଡ଼ କଥା ହେଉଛି ଧର୍ମେନ୍ଦ୍ର ବାବୁ ଓଡ଼ିଶାର ଶିକ୍ଷା ଭିଜନ ପାଇଁ ଯେଉଁ କ୍ରାନ୍ତିକାରୀ ଯୋଜନା ଆଗେଇ ନେଉଛନ୍ତି ଏହା ମେଧାବୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଆଗେଇ ନେବା ସହ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଆଗାମୀ ଦିନରେ ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ୱର୍ଣ୍ଣିମ କ୍ୟାରିୟର ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିବେ। ଓଡ଼ିଶାର ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରକୁ ଯୋଜନାର ଅଗ୍ରଗତି କରି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ପ୍ରୋତ୍ସାହନ ଓ ସଫଳତା ପ୍ରେରଣା ଯୋଗାଉଥିବାରୁ ଜଣେ ଓଡ଼ିଆ ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଓଡ଼ିଶା ବିଜେପିର ସବୁଠାରୁ ଲୋକପ୍ରିୟ ଚେହେରା ଧର୍ମେନ୍ଦ୍ର ବାବୁଙ୍କୁ ଅଭିନନ୍ଦନ, ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ*
*ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*

# ସଦଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର.....



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମର ଗୋଟାଏ ଦୋଷ ଏଇ ଯେ, କିଛି ନ ବୁଝି, ମହାପୁରୁଷଙ୍କ ଉପରେ ମୂଳରୁ ଭଗବତ୍ତ୍ୱ ଆରୋପ କରି, ଭଗବତ ଶକ୍ତିରେ ଅଲୌକିକ ଭାବରେ ସବୁ ସେ କରିଦେବେ – ଏଇ ଆଶାରେ ନିଶ୍ଚିନ୍ତ ହୋଇ ବସିଯାଉ। ଏହାଠାରୁ ବଡ଼ ଭୁଲ ଆଉ କିଛି ନାହିଁ। ଭଗବାନ ହେଲେ ବି ସିଏ ଯେ ଜଣେ ମଣିଷ, ଏବଂ ମଣିଷ ଜଗତରେ ମଣିଷକୁ ଯାହା କରିବାକୁ ହୁଏ ସେହି ମାନବୀୟ ଭାବରେ କାର୍ଯ୍ୟସିଦ୍ଧି କରିବା ଛଡ଼ା ତାଙ୍କର ମଧ୍ୟ ଯେ ଉପାୟ ନାହିଁ, ଏହା ବୁଝି, ଖଟିଖାଟି, ତାଙ୍କର ଚାହିଦା ପୂରଣ କରିବା ଦରକାର। ମହାପୁରୁଷଗଣ ଇଚ୍ଛା କରିଲେ ହିଁ ଅନେକ କିଛି କରିପାରନ୍ତି। ଏଇ କଥାର ତାତ୍ପର୍ଯ୍ୟ ଏଇ ଯେ, ସେମାନଙ୍କର ବିରାଟ ପରିପୂରଣକାରୀ ଓ ନିୟନ୍ତ୍ରଣକାରୀ ଶକ୍ତି, ପ୍ରେମ ଓ ଚରିତ୍ରବଳ ଥାଏ, ସେଇ କାରଣରୁ ଅନେକେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର କଲ୍ୟାଣକର ଇଚ୍ଛାକୁ ରୂପଦେବାକୁ ଚେଷ୍ଟା କରନ୍ତି ଏବଂ ବହୁ ଲୋକଙ୍କର ସମବେତ ଓ ସୁସଂଗଠିତ ଚେଷ୍ଟା ଫଳରେ ଅନେକ ଅସାଧ୍ୟ ସାଧନ ହୋଇଥାଏ। ଯାହାହେଉ, ଅବତାର ମହାପୁରୁଷଙ୍କ ଭୂତ-ମହେଶ୍ୱର ଭାବ କିନ୍ତୁ ତାଙ୍କୁ ଅନୁସରଣ କରିଲେ ହିଁ ବୁଝାଯାଏ। ମ୍ୟାନ ହୁଡ ଟୁ ଗଡ଼ ହୁଡ଼ (ମନୁଷ୍ୟତ୍ୱରୁ ଈଶ୍ୱରତ୍ୱକୁ) ପ୍ରୋସିଡ଼ ନକରିଲେ (ଅଗ୍ରସର ନହେଲେ) ଗଡ଼ହୁଡ଼ (ଈଶ୍ୱରତ୍ୱ) ବୁଝାଯାଏ ନାହିଁ, ତତ୍ ସମ୍ବନ୍ଧରେ ଅଳୀକ ମନଗଢ଼ା କଳ୍ପନାହିଁ ସାର ହୋଇଥାଏ।

ଜୀବନ ଗତିଶୀଳ, ଏକ ପ୍ରବହମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବଜଗତ, ମାତ୍ର ଧାବମାନ ଜୀବନକୁ ସୁନିୟନ୍ତ୍ରିତ କରି ନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦଗୁରୁଙ୍କ ଶରଣାପନ୍ନ ହେବା ଅପରିହାର୍ଯ୍ୟ। ସଦଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇପାରିଲେ ଜୀବନ ହୋଇଉଠେ ସମୁନ୍ନତ, ସୁମଧୁର। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର 'ସତ୍ୟାନୁସରଣ'ରେ ଉଲ୍ଲେଖ କରିଛନ୍ତି – 'ସଦଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟକରି କହୁଛି ତୁମର ଉନ୍ନୟନ ପାଇଁ ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।' ଏ ଉନ୍ନୟନ ଉଭୟ ଭୌତିକ ଓ ଆତ୍ମିକ। ଆତ୍ମିକ ଉନ୍ନତି ବିନା କେବଳ ଭୌତିକ ଉନ୍ନତି ମୂଳହୀନ। ପୁଣି ଉଚ୍ଚ ବା ଶ୍ରେଷ୍ଠଜନଙ୍କ ପ୍ରତି ଶ୍ରଦ୍ଧାଭକ୍ତି ବିନା ଉନ୍ନତି ସମ୍ଭବ ନୁହେଁ। କେତେକେ କହନ୍ତି, 'ପ୍ରଭୁ ତୁମେ ମୋର'। ଏହାର ଅର୍ଥ ପ୍ରଭୁ ତୁମେ କେବଳ ମୋର, ତୁମେ ଆଉ କାହାର ନୁହଁ। ଅବଶ୍ୟ ଏଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଝଲକ ଫୁଟି ଉଠେ। କାରଣ ଏଭଳି କହୁଥିବା ବ୍ୟକ୍ତି ଚାହେଁ ପ୍ରଭୁ କେବଳ ତା'ରି କଥା ଶୁଣନ୍ତୁ, ତାରି ଅଭୀଷ୍ଟ ପୂରଣ କରନ୍ତୁ। ଅପରପକ୍ଷରେ 'ମୁଁ ତୁମର' କହିଲେ – ସମର୍ପଣର ଭାବ ପ୍ରକଟିତ ହୁଏ। ତେଣୁ ଠାକୁରଙ୍କ ପାଖରେ ସମର୍ପିତ ହେବାକୁ ହେଲେ – 'ମୁଁ ତୁମର' ଭାବଟିକୁ ନିଜ ଭିତରେ ଆରୋପିତ କରିବାକୁ ପଡ଼ିବ। ଏହା ହୋଇପାରିଲେ ଅହଙ୍କାର, ଆତ୍ମମ୍ଭରିତା ଉପରେ ନିୟନ୍ତ୍ରଣ ଆସିପାରିବ, ନିଜ ଭିତରେ ବିନୟସମନ୍ୱିତ ଭାବ ଗଜେଇ ଉଠିବ। ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିବ।

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତି କରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଗ୍ରହଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହର, ନିଦ୍ରା ଓ ମୈଥୁନ ମଧ୍ୟର ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସଂପ୍ରଦାୟର ଉର୍ଦ୍ଧ୍ୱରେ। ଏହି ଧର୍ମ କିନ୍ତୁ ଜୀବନ୍ତ ହୋଇଥାଏ ସଦଗୁରୁଙ୍କ ଠାରେ। ଅତଏବ ସଦଗୁରୁଙ୍କୁ ବାଦ ଦେଇ ଓ ଧର୍ମକୁ ବାଦ ଦେଇ କେବେ ପ୍ରକୃତ ଉନ୍ନତି ହୋଇପାରେନା। ଶ୍ରୀ ଶ୍ରୀ ଠାକୁର ପୁଣ୍ୟପୁଥିରେ ଭାବସମାଧି ଅବସ୍ଥାରେ ଅମୋଘ ଆଶ୍ୱାସନା ଦେଇ କହିଛନ୍ତି, 'ଥରେ ପରମାତ୍ମାଙ୍କ ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୋ ହାତ ଦେଇ ପୋଛି ଦେବି।' 'ଚଲାର ସାଥୀ'ରେ ଉଲ୍ଲେଖ ରହିଛି ଦୁଃଖ ଓ ଅଭାବକୁ ଅତିକ୍ରମ କରି ସହଜ ସରଳ ଜୀବନ ଯାପନ କରିବା ଓ ସୁଖଶାନ୍ତିରେ ବଞ୍ଚିବା ସମ୍ଭବ ହୁଏ ସଦଗୁରୁଙ୍କୁ ନିଜ ଜୀବନର କେନ୍ଦ୍ର କରି। ସଦଗୁରୁଙ୍କର ପ୍ରତିଷ୍ଠା ଭିତର ଦେଇ ଧର୍ମର ପ୍ରତିଷ୍ଠା ହୁଏ ଓ ସମାଜର ମଙ୍ଗଳ ହୁଏ। ସେଥିପାଇଁ ନିଜକୁ ତିଆରି କରିବା ନିତାନ୍ତ ଆବଶ୍ୟକ। ଶ୍ରୀ ଶ୍ରୀ ଠାକୁରଙ୍କର କଥାରେ – 'ତୁମେ ଜାଣ ବା ନ ଜାଣ ପାର ବା ନପାର – ଅବ୍ୟାହତ ଥାଉ, – ସିଦ୍ଧିର ପଥ ଖୋଜିନିଅ – କୃତାର୍ଥ ହେବ, କୃତକାର୍ଯ୍ୟତା ଆସିବ; ଆଉ, ତୁମର ପ୍ରତିଷ୍ଠା ତୁମର ଆଦର୍ଶଙ୍କୁ ପ୍ରତିଷ୍ଠିତ କରିବ ହିଁ – ନିଶ୍ଚୟଁ ଜାଣ।'

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଜନସଂଖ୍ୟା ନିୟନ୍ତ୍ରଣ ବନାମ ଜନସଂଖ୍ୟା ବୃଦ୍ଧି



ଗୋପାଳ ମହାପାତ୍ର

ଜନସଂଖ୍ୟା ବୃଦ୍ଧି ସପକ୍ଷରେ ମତଦେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶରେ ଏକ ନୂଆ ବିମର୍ଷ ପାଇଁ ଖୋରାକ ଯୋଗାଇ ଦେଇଛନ୍ତି। ନାଇଡୁଙ୍କ ମନ୍ତ୍ରୀମଣ୍ଡଳ ଏଇ କିଛି ଦିନ ତଳେ ନିଷ୍ପ ି ନେଇଛି ଯେ ଯେଉଁ ଦମ୍ପ ିଙ୍କର ଦୁଇ କିମ୍ବା ତାଠାରୁ କମ୍ ସଂାନ ସଂତି ଥିବେ ସେମାନେ ସ୍ଥାନୀୟ (ତ୍ରିସ୍ତରୀୟ) ନିର୍ବାଚନରେ ଭାଗନେଇ ପାରିବେ ନାହିଁ। ମହାନଗର ନିଗମ ଓ ନଗରପାଳିକା ଠାରୁ ଆରମ୍ଭ କରି ପ ାୟତର ନିର୍ବାଚନରେ ଦୁଇ ବା କମ୍ ପିଲା ଥିବା ଦମ୍ପ ି ଲଢ଼ି ପାରିବେ ନାହିଁ। କିଂୁ ୩୦ ବର୍ଷ ପୂର୍ବେ ସଂଯୁକ୍ତ ଆନ୍ଧ୍ରପ୍ରଦେଶ (ଆନ୍ଧ୍ର ଓ ତେଲେଙ୍ଗାନା)ର ମୁଖିଆ ଥିବା ବେଳେ ସେଇ ଚନ୍ଦ୍ରବାବୁ ନାଇଡୁ ନିଷ୍ପ ି ନେଇଥିଲେ ଯେ ଯେଉଁ ବ୍ୟକ୍ତି ବା ଦମ୍ପ ିମାନଙ୍କର ଦୁଇରୁ ଅଧିକ ସଂାନ ସଂତି ଥିବେ ସେମାନେ ସ୍ଥାନୀୟ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ। ପ୍ରଶ୍ନ ଉଠୁଛି ଯେ ଚନ୍ଦ୍ରବାବୁ ୩୦ ବର୍ଷ ତଳେ ନେଇଥିବା ନିଷ୍ପ ିକୁ ପରିବ ର୍ନ କରି ଏବେ ଦୁଇରୁ ଅଧିକ ସଂାନ ପାଇଁ ନିଷ୍ପ ି ନେଲେ କାହିଁକି? ଏହାର ଦୁଇଟି କାରଣ ଥାଇପାରେ। ପ୍ରଥମ କାରଣ ହେଉଛି ସାମାଜିକ-ଆର୍ଥୀକ ଏବଂ ଦ୍ୱିତିୟ କାରଣ ହେଉଛି ରାଜନୈତିକ। ଭାରତରେ ଜନସଂଖ୍ୟା ବୃଦ୍ଧିକୁ ନେଇ କିଛି ଦଶନ୍ଧି ହେବ ବିମର୍ଷ ଚାଲିଛି ଓ ଏଇଥିପାଇଁ କେନ୍ଦ୍ର ସରକାର ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନ ପରିବାର ନିୟନ୍ତ୍ରଣ ମାଧ୍ୟମରେ ଚଳାଇଛନ୍ତି। ଏହି ଅଭିଯାନ ଅନୁସାରେ ଦକ୍ଷିଣ ଭାରତୀୟ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ଜନସଂଖ୍ୟା ଅଧିକ ଭାବେ ହ୍ରାସ ପାଇଥିଲା। ଏପରିକି ଏସବୁ ରାଜ୍ୟରେ ପ୍ରଜନନ କମିଯାଇ ୧.୮ ପ୍ରତିଶତ ପାଖାପାଖି ପହ ୍ଯାଇଥିଲା। ଅନ୍ୟ ପକ୍ଷରେ ଉ ର ପ୍ରଦେଶର ରାଜ୍ୟ ବିହାର ଓ ଉ ରପ୍ରଦେଶରେ ପ୍ରଜନନ ହାର କ୍ରମଶଃ ୩ ଓ ୨.୪ ପ୍ରତିଶତ ରହିଛି। ଏହାର ଅର୍ଥ ହେଉଛି ବିହାରରେ ପ୍ରତି ଦମ୍ପ ିଙ୍କର ୩ଟି ସଂାନ ଏବଂ ଉ ରପ୍ରଦେଶର ପ୍ରତି ଦମ୍ପ ିଙ୍କର ୨ବା ୩ଟି ସଂାନ ହୋଇଥାଏ। କିନ୍ତୁ ଦକ୍ଷିଣ ଭାରତର ରାଜ୍ୟରେ ଦମ୍ପ ି ମାନେ ଗୋଟିଏ ବା ଦୁଇଟି ସଂାନରୁ ଅଧିକ ପାଇଁ ଆଗ୍ରହୀ ନୁହଁନ୍ତି। ରାଷ୍ଟ୍ରୀୟ ସ୍ତରରେ ଭାରତର ଲୋକଙ୍କ ପ୍ରଜନନ କ୍ଷମତା ୨.୧ ରହିଛି। ଯଦି ଏହି ହାର ଜାରିରହେ ତେବେ ୨୦୨୫ ବେଳକୁ ଭାରତରେ ବୟସ(ବୃଦ୍ଧି) ବା ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସରକାର ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଧିକ ଯୋଜନା କରିବା ପାଇଁ ବାଧ ହେବେ ଫଳତଃ ସରକାର ଉପରେ ଆର୍ଥୀକ ବୋଝ ବଢ଼ିବ। ବୟସ୍କଙ୍କ ସଂଖ୍ୟା ବୃଦ୍ଧ କାରଣରୁ ଦେଶର ଆର୍ଥୀକ ପ୍ରଗତି ମଧ୍ୟ ଧିମେଇ ଯିବ। ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଭାରତର ଅନ୍ୟ ରାଜ୍ୟମାନଙ୍କର ସ୍ଥିତି ଅଧିକ ଖରାପ ହେବ। ଏହି ରାଜ୍ୟ ମାନଙ୍କରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ପରିବାର ନିୟଂଯଣର ଫଳ ଅଧିକ ଭାବେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଭୋଗିବାକୁ ପଡିବ। ଚନ୍ଦ୍ରବାକୁ ନାଇଡୁଙ୍କୁ ଏହି ଚିଂା ଏବେ ଘାରିଛି। ଚନ୍ଦ୍ରବାବୁଙ୍କ ସହ ସ୍ୱରମିଳାଇ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ମଧ୍ୟ ଜନସଂଖ୍ୟା ବୃଦ୍ଧିକୁ ସମର୍ଥନ କରିଛନ୍ତି ଏବଂ ତାଙ୍କ ରାଜ୍ୟର ଲୋକଙ୍କୁ ଅଧିକ ସଂାନ ନୀତି ଆପଣେଇବା ପାଇଁ ନିବେଦନ କରିଛନ୍ତି। ଭବିଷ୍ୟତର ଭୟାବହ ଅବସ୍ଥାକୁ ଦେଖି ଆନ୍ଧ୍ର ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ମାନେ ଏଭଳି ଦୁଇରୁ ଅଧିକ ସଂାନ ପାଇଁ ଦମ୍ପ ି ମାନଙ୍କୁ ନିବେଦନ କରିଥିବା ଭଳି ମନେ ହେଉଛି।୨୦୨୬ରେ ଲୋକସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରର ପୁନଃ ନିର୍ଦ୍ଧାରଣ ହେବ। ଏହି ପୁନଃ ନିର୍ଦ୍ଧାରଣ ବେଳେ ଜନସଂଖ୍ୟା ଅନୁସାରେ ଲୋକସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟା ନିର୍ଦ୍ଧାରଣ କରାଯିବ। ଏହି ଫର୍ମୁଲା ଅନୁସାରେ ଉ ର ପ୍ରଦେଶର ଜନସଂଖ୍ୟାକୁ ଦେଖିଲେ ସ୍ପଷ୍ଟ ଯେ ଉ ର ପ୍ରଦେଶର ଲୋକସଭା ଶାସନ ସଂଖ୍ୟା ୮୦ରୁ ବୃଦ୍ଧିପାଇ ୧୨୦ ହୋଇପାରେ। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାକୁ ମିଶାଇଲେ ବ ର୍ମାନ ଏ ଦୁଇ ରାଜ୍ୟର ଆସନ ସଂଖ୍ୟା ୪୨ ଓ ୨୦୨୬ରେ ହେବାକୁ ଥିବା ପୁନଃ ନିର୍ଦ୍ଧାରଣରେ ଏହି ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ୪୨ରୁ ୪୬ ହୋିପାରେ। ଅର୍ଥାତ୍ ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ମାତ୍ର ୪ ବଢ଼ିବାର ସମ୍ଭାବନା ରହିଛି। ଏଥିରୁ ସ୍ପଷ୍ଟ ଯେ ଜନସଂଖ୍ୟା କମିଲେ ଲୋକସଭା ଆସନ ସଂଖ୍ୟା କମିବ। କମ୍ ଜନସଂଖ୍ୟା ଥିବା ରାଜ୍ୟକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଅନୁଦାନ କମ୍ ରହିବ। କାରଣ କେନ୍ଦ୍ର ସରକାର ଯେଉଁ ଆର୍ଥୀକ ଅନୁଦାନ ରାଜ୍ୟ ମାନଙ୍କୁ ଦେଇଥାି ତାହା ଜନସଂଖ୍ୟା ଅନୁପାତରେ ଆକଳନ କରାଯାଇଥାଏ। ଏବେ କେନ୍ଦ୍ରସରକାର ଉ ର ପ୍ରଦେଶକୁ ୧୮ ପ୍ରତିଶତ ପାଖାପାଖି ରାଜସ୍ୱ ଆବ ନ କରୁଥିବା ବେଳେ ବିହାରକୁ ପାଖାପାଖି ୧୦ ପ୍ରତିଶତ ପ୍ରଦାନ କରିଥାି। କିଂୁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ମାତ୍ର ୪ପ୍ରତିଶତ ମିଳିଥାଏ।ଏ ସବୁକୁ ଦୃଷ୍ଟିରେ ରଖି ବିଶେଷ କରି ୨୫ ବର୍ଷ ଆଗକୁ କ'ଣ ହେବ ସେକଥାକୁ ଚିଂା କରି ଚନ୍ଦ୍ରବାବୁ ନାଇଡୁ ଜନସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଭାରତର ସବୁ ରାଜ୍ୟମାନେ ଚନ୍ଦ୍ରବାବୁ ନାଇଡୁଙ୍କ ଭଳି ଭାବିବେ ତେବେ ଭାରତରେ ଜନସଂଖ୍ୟା କେତେ ହେବ ଓ କେଉଁ ପର୍ଯ୍ୟ ଯିବ ସେ କଥା କହିବା ମୁସ୍କିଲ ହୋଇଯିବ। ବ ର୍ମାନ ଏବେ ଭାରତର ଜନସଂଖ୍ୟା ୧୪୦ କୋଟିରୁ ଅଧିକ, ଏତେ ଜନସଂଖ୍ୟା ସତ୍ତ୍ୱେ ଲୋକଙ୍କୁ ଭରଣ ପୋଷଣ କରିବାର କ୍ଷମତା ସରକାରଙ୍କର ରହିଛି। ଏବେ ଭାରତ ସରକାର ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ (ଚାଉଳ-ଗହମ) ଯୋଗାଉଛନ୍ତି। ୫୦ ବର୍ଷ ପୂର୍ବରୁ ଏକଥାକୁ କେହି କଳ୍ପନା କରିପାରିନଥିବେ ନିଶ୍ଚୟ। ଭାରତ ମଧ୍ୟ ଦେଖିଛି ଯେ ୧୯୬୫ରେ ଭାରତ ପାକିସ୍ଥାପ ଯୁଦ୍ଧ ସମୟରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସପ୍ତାହରେ ଗୋଟିଏ ବେଳା ଉପବାସ ରହିବା ପାଇଁ ଦେଶର ଲୋକଙ୍କୁ ନିବେଦନ କରିଥିଲେ । ସେ ସମୟରେ ଭାରତର ଜନସଂଖ୍ୟା ପାଖାପାଖି ୫୦ କୋଟି ଥିଲା। ସେତେବେଳେ ଦେଶରେ ଏତେ ଉତ୍ପାଦନ ମଧ୍ୟ ହୋଇପାରୁନଥିଲା ଯାହା ୫୦କୋଟି ଲୋକଙ୍କ ପାଇଁ ଯଥେଷ୍ଟ ଥିଲା। ସେତେବେଳେ ଭାରତ ଆମେରିକାରୁ ଗହମ ଆମଦାନୀ କରୁଥିଲା। କିଂୁ ସେତେବେଳେର ଅବସ୍ଥା ଓ ବ ର୍ମାନର ଅବସ୍ଥା ମଧ୍ୟରେ ଅନେକ ଫରକ୍ ରହିଛି। ଏବେ କୃଷି ଉତ୍ପାଦନ ବଢ଼ିଛି ଓ ଦେଶର ଲୋକଙ୍କ ଖାଦ୍ୟ ସମସ୍ୟାର ସମାଧାନ ପରେ ଭାରତ ଅନ୍ୟ ଦେଶକୁ ଖାଦ୍ୟଷଶ୍ୟ ରପ୍ତାନୀ କରିବା ସ୍ଥିତିରେ ପହ ୍ଛି। ଆମ ଦେଶର ରାଜନେତା ମାନଙ୍କ ଦୁରଦୃଷ୍ଟି କାରଣରୁ ଭାରତର ସ୍ଥିତି ବଦଳିଛି ଓ କୃଷି କ୍ଷେତ୍ରରେ ଭାରତ ଆତ୍ମ ନିର୍ଭର ହୋଇ ପାରିଛି। ଆଜିର ଭାରତକୁ ଯୁବ ଭାରତ ବୋଲି ମଧ୍ୟ କୁହାଯାଉଛି। ଭାରତର ଯୁବବର୍ଗଙ୍କ ଜ୍ଞାନ ସାମର୍ଥ୍ୟକୁ ସାରାବିଶ୍ୱ ସ୍ୱୀକାର କରୁଛି। କମ୍ପ୍ୟୁଟର ସଫ୍ଟଓୟାର କ୍ଷେତ୍ରରେ ଭାରତର ଯୁବବର୍ଗଙ୍କ ଦକ୍ଷତା କାରଣରୁ ସାରା ବିଶ୍ୱରେ ଏମାନେ ନିଜର ସ୍ଥିତି ଜାହିର କରିପାରିଛନ୍ତି। ଟେକ୍ନୋଲୋଜିର ଏହି ଯୁଗରେ ଭାରତୀୟ ଯୁବାପିଢ଼ୀ ବିଶ୍ୱର ଅନେକ ସଫ୍ଟଓୟାର କମ୍ପାନୀରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏଣୁ ୨୫ ବର୍ଷ ଆଗକୁ ଚିଂାକରି ଏବେ ନିଷ୍ପ ି ନେବା ବୁଦ୍ଧିମ । ପୁର୍ଣ୍ଣ କାର୍ଯ୍ୟ ବୋଲି କୁହାଯାଇପାରେ। କିଂୁ ଏସବୁ ପରେ ଏକଥା ମଧ୍ୟ ଚିଂା କରାଯିବା ଉଚିତ୍ ଯେ ବର୍ଦ୍ଧିତ ଜନସଂଖ୍ୟାର ଭରଣ-ପୋଷଣ ପାଇଁ ଏବେଠାରୁ ମଧ୍ୟ ଚିଂା କରାଯିବା ଆବଶ୍ୟକ। ୧୯୫୦ରେ ଭାରତର ପ୍ରଜନନ ହାର ୬ ପ୍ରତିଶତ ଥିଲା କିଂୁ ଏହା ୨.୧ ପ୍ରତିଶତ ରହିଛି। ଭାରତରେ ବେରୋଜଗାରୀ ହାର ମଧ୍ୟ ଅଧିକ। ରୋଜଗାର ଉପଲବ୍ଧ କରାଇବାରେ ମଧ୍ୟ ସରକାର ଅସମର୍ଥ। ୨୫ ବର୍ଷ ପରେ କ'ଣ ହେବ ସେକଥାକୁ କଳ୍ପନା କରି ଭବିଷ୍ୟତରେ ଭାରତର ସ୍ଥିତିକୁ ମଧ୍ୟ ଚିଂା କରାଯିବା ଉଚିତ୍। କାରଣ ଜନସଂଖ୍ୟା ହାର ଯଦି ୨.୧ ରହିବ ତେବେ ୨୦୫୦ ସୁଦ୍ଧା ଭାରତରେ ବୟସ୍କ ବ୍ୟକ୍ତି ମାନଙ୍କ ସଂଖ୍ୟା ଏବଂ ଯୁବ ବର୍ଗଙ୍କ ସଂଖ୍ୟା ପ୍ରାୟତଃ ସମାନ ହୋଇଯିବ।

ଏଣୁ ଆମେ ଶ୍ରୀ ନାଇଡୁଙ୍କ ବିଚରକୁ ଠିକ୍ ଭାବରେ ପରଖିବା ସହ ଏ ବାବଦରେ ବିଚାର କରିବା ଉଚିତ୍। ଦକ୍ଷିଣ ଭାରତର ରାଜ୍ୟ ମାନଙ୍କରେ ଯେଭଳି ଭାବେ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି ସେହିସ୍ଥିତି ଉ ର ଭାରତରେ ନାହିଁ। ଏଣୁ ଉ ର ଭାରତର ରାଜ୍ୟ ମାନଙ୍କରେ ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ କଡ଼ାକଡି କରାଯିବା ଉଚିତ୍। ଅନ୍ୟ ପକ୍ଷରେ ବିହାର, ଉ ର ପ୍ରଦେଶ ଅଥବା ମଧ୍ୟପ୍ରଦେଶର ତୁଳନା ତାମିଲନାଡୁ ସହ କରାଯାଇ ପାରିବ ନାହିଁ କାରଣ ବିହାର, ପୂର୍ବ ଉ ରପ୍ରଦେଶ ଏବଂ ପଶ୍ଚିମବଂଗର ଲୋକେ ଜୀବୀକାର୍ଜନ ପାଇଁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଆସୁଛନ୍ତି। ଏଣୁ ରାଷ୍ଟ୍ରୀୟ ସ୍ତରରେ ସାମସ୍ୟ ରଖି ଏ ପ୍ରସଙ୍ଗରେ ନିଷ୍ପ ି ନେବା ମଧ୍ୟ ଆବଶ୍ୟକ। ଏକଥା ସତ୍ୟ ଯେ ଶିକ୍ଷା ମାମଲାରେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କର ଅବସ୍ଥା ଉ ର ଭାରତର ରାଜ୍ୟ ଅପେକ୍ଷା ଉ ମ ଅଟେ। ଜନସଂଖ୍ୟା ନିୟନ୍ତ୍ରଣର ସିଧା ସମ୍ପର୍କ ଶିକ୍ଷା ସହ ଯୋଡି ହୋଇଛି। ଏଣୁ କେରଳକୁ ବିହାର ସହ ତୁଳନା କରାଯାଇ ପାରିବ ନାହିଁ। କେରଳରେ ସାକ୍ଷରତା ହାର ଶତ ପ୍ରତିଶତ ପାଖାପାଖି। ସବୁଠାରୁ ଏକ ବଡ଼ କଥା ହେଉଛି ଭାରତରେ ମୁସଲିମ ପରିବାରରେ ଏବେ ପ୍ରଜନନ ହାର ହିନ୍ଦୁ ପରିବାରର ପ୍ରଜନନ ହାର ସହ ସମାନ ସ୍ତରରେ ପହ ୍ଛି, ଏସବୁ ଶିକ୍ଷାର ପ୍ରସାର କାରଣରୁ ସମ୍ଭବ ହୋଇଛି।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ ।



ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ ି କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସତ୍ତ୍ୱେ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ।

## ବିଷୟ-ୱାର୍ଡ଼ ନଂ ୩୮ରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପିଏନ)-ନୟାପଲ୍ଲୀ ୱାର୍ଡ଼ ନଂ ୩୮ ର ବାଲିତୋଟାସାହି ବସ୍ତିରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ ୩୮ର ପୂର୍ବତନ କର୍ପୋରେଟର୍ ନିଖିଳ କୁମାର ବଳବନ୍ତରାୟ, ଡେପୁଟୀ ସେକ୍ରେଟେରୀ ସ୍ପୋଟସ୍ ସିଳେନ୍ଦ୍ର କୁମାର ଜେନା, ଜେ.ଡି.ସି.ଓ ପ୍ରତାପ ପ...ନାୟକ, ୱାର୍ଡ଼ ଅଫିସର ନିଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର୍ ନିବେଦିତା ଦାସ୍, ସାନିଟାରୀ ଇନସ୍ପେଟର ସୁନିଲ କୁମାର ସାହୁ ଓ ୱାର୍ଡ଼ର ସମସ୍ତ ସୁପରଭାଇଜର ଉପସ୍ଥିତ ରହି ଜନସାଧାରଣ କିପରିଭାବେ କରୋନାରୁ ବିତ ହେବେ ସେ ବାବଦରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତାର ର୍ବା ବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ-୩୮ର ବାଲିତୋଟାସାହି ବସ୍ତିର ଅନେକ ମହିଳା ଓ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି । ତାଙ୍କର କର୍ତ୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

## ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତ୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍‌ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି। ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ। ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପ ାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି। ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ଫୁଲଝର,କୁମ୍ଭି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗୀ ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ପର୍ଯ୍ୟବେକ୍ଷକ

Bhubaneswar Saturday December 14 | ଭୁବନେଶ୍ୱର ଶନିବାର, ଡିସେମ୍ବର ୧୪,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




# କିଟ୍‌ରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ। ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି। ଏହି ମହୋତ୍ସବ ଓଡ଼ିଶା ସିନେ ଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ବିଶିଷ୍ଟ ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍‌କାୟିତ ହୋଇ




ରହିଛନ୍ତି। ବିଶେଷ କରି ଓଡ଼ିଶାରେ ବହୁ ପ୍ରତିଭା ରହିଥିବା ମୁଁ ଏଠାରେ ଦେଖିବାକୁ ପାଇଲି। ସେମାନେ ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି। ଏହି ଲୁକକାୟିତ କଳାକାରମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ସେ କହିଥିଲେ। ବିଶିଷ୍ଟ ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ। ଭଲ ସିନେମା ତିଆରି କରିବା ଏବଂ ଏ ସମ୍ପର୍କିତ ଜ୍ଞାନ ଆହରଣ କ୍ଷେତ୍ରରେ ଏଭଳି ଚଳଚ୍ଚିତ୍ର ମହୋତ୍ସବ ଏକ ଉତ୍ତମ ମଞ୍ଚ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ଆସନ୍ତା ବର୍ଷ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଆହୁରି ବଡ଼ ଧରଣର କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ଆଜି ପ୍ରଥମ ଦିନରେ ଗୁଗୁଲ୍ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟରସ, ଅଣ୍ଡର ଦି ବେଡ୍, ରଚାମ୍ମା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ୍, ମଇଁ ନିଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅଷ୍ଟୋରାଗ, ମୋନିହାରା, ଆତାତୁର, କାଇଟ୍ ଆଣ୍ଡ ଆଇ ଏବଂ ସାମ ବାହାଦୂର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଶିଷ୍ଟ ପ୍ରଯୋଜକ ଅଭିଷେକ ଅଗ୍ରୱାଲ, ମାୟଙ୍କ ସିଙ୍ଘାଣିଆ, ଅଭିଷେକ ତାରାଚାନ୍ଦ ଜୈନ, ନବଜ୍ୟୋତି ବାନ୍ଦିୱାଦେକର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ ଓ ସାଗର ସୁନୀଲ ପୁରଣିକ, ଅଭିନେତ୍ରୀ ରୁପାଲି ସୁଦ୍, ବନ୍ୟପ୍ରାଣୀ ଚଳଚ୍ଚିତ୍ର ନିର୍ମାତା ସୁବିହା ନାଲାମୁଥୁ ଓ ଲେଖକ ରାଜ ସାଣ୍ଡିଲ୍ୟଙ୍କ ଭଳି ବହୁ ନାମୀଦାମୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍‌ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ। କିଟ୍ ଫିଲ୍ମ, ଫେସନ ଓ ମିଡ଼ିଆ ଷ୍ଟଡିଜ୍ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଓଡ଼ିଶା ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

# ଓଡିଶୀ ନୃତ୍ୟକୁ ଛାଡି ଓଡିଆ ଅସ୍ମିତା କଥା ପରିକଳ୍ପନା କରାଯାଇ ପାରେନା

ଭୁବନେଶ୍ୱର,(ପି.ଏନ): ଓଡିଶାର ଅଗ୍ରଣୀ ନୃତ୍ୟ ଭି ିକ ଅନୁଷ୍ଠାନ ନୃତ୍ୟ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଜାଗିୟର ଛକ ସ୍ଥିତ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ମନ୍ଦିରର ପ୍ରତିଷ୍ଠାତା ଗୁରୁଶ୍ରୀ ଦେବବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ କହିଥିଲେ ଓଡିଶୀ ନୃତ୍ୟ ଆମ ଜଗନ୍ନାଥ ସଂସ୍କୃତିର ଗୌରବ ବହନ କରେ। ଏହି ନୃତ୍ୟ ଦ୍ୱାରା ଆମ ଓଡିଶା ସାରା ପୃଥିବୀରେ ପ୍ରସିଦ୍ଧ ଲାଭ କରିଛି । ଦେଶ ବିଦେଶରେ ଓଡିଶୀ ନୃତ୍ୟ ଓଡିଆ ଜାତିକୁ ପରିଚିତ କରିଛି। ଆଜି ଯେଉଁ ଓଡିଆ ଅସ୍ମିତା କଥା ଉଠୁଛି ଓଡିଶୀ ନୃତ୍ୟକୁ ଛାଡି ଓଡିଆ ଅସ୍ମିତା କଥା ପରିକଳ୍ପନା କରାଯାଇ ପାରେନା। ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟଶିଳ୍ପୀ ତଥା ଅଭିନେତ୍ରୀ ପ୍ରିୟମ୍ବଦା ରାୟ, ଅଧ୍ୟାପକ ଡ. ମୀନକେତନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କହିଥିଲେ ସାଧନା, ଧର୍ଯ୍ୟ ଓ ନିଷ୍ଠା ରଖିଲେ ଜଣେ ଭଲ କଳାକାର ହୋଇ ପାରିବ। ଆଜି ଯେଉଁମାନେ ପ୍ରସିଦ୍ଧ ଲାଭ କରିଛନ୍ତି ତାହା କେବଳ ବିଶିଷ୍ଟ ଗୁରୁ ଓ ଅନୁଷ୍ଠାନ ପାଇଁ ସମ୍ଭବ ହୋଇପାରିଛି ବୋଲି କହିବା ସହିତ ନୃତ୍ୟ ମନ୍ଦିରର ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୁରୁ ଆଶିଷ କୁମାର ଦାସଙ୍କୁ ପଦ୍ମଶ୍ରୀ ମିନତି ମିଶ୍ର ପ୍ରତିଭା ସମ୍ମାନ, ଗୁରୁ ଡ. ମନୋଜ କୁମାର ବେହେରାଙ୍କୁ ଡଃ ବିଦ୍ୟୁତ କୁମାରୀ ଚୌଧୁରୀ ପ୍ରତିଭା ସମ୍ମାନ, ଗୁରୁ ବିକାଶ ଶୁକ୍ଲାଙ୍କୁ ଗୁରୁ ଘନଶ୍ୟାମ ପଣ୍ଡା ପ୍ରତିଭା ସମ୍ମାନ, ଭାଗିରଥି ପଣ୍ଡାଙ୍କୁ ଗୋବିନ୍ଦ ଚନ୍ଦ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ନୃତ୍ୟ ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଓ ଏକକ ସଙ୍ଗୀତ ପରିବେଶଣ କରାଯାଇଥିଲା ଜ୍ଞାନାନନ୍ଦ ସାଗର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଇତିହାସ ରଚିଲା ଓଡିଶା ପୁରୁଷ ହକି ଦଳ, ପ୍ରଥମ ଥର ପାଇଁ ଜିତିଲା ଜାତୀୟ ସିନିୟର ହକି ଚାମ୍ପିୟନସିପ

ଭୁବନେଶ୍ୱର, (ପି.ଏନ): ପ୍ରଥମ ଥର ପାଇଁ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ ଜିତିଛି ଓଡିଶା। ଆଜି ଚେନ୍ନାଇର ମେୟର ରାଧାକୃଷ୍ଣନ ହକି ଷ୍ଟାଡିୟମରେ ହରିୟାଣାକୁ ୫-୧ ଗୋଲରେ ପରାସ୍ତ କରି ଏହି ଇତିହାସ ରଚିଛି ଓଡିଶା। ତାମିଲନାଡୁ ଉପ-ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଓଡିଶା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ସମୟରେ ସେଠାରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଉପସ୍ଥିତ ଥିଲେ।ଓଡିଶା ମଣିପୁରକୁ ୪-୨ ଗୋଲରେ ପରାସ୍ତ କରି ଚଳିତ ଥର ପ୍ରଥମ ଥର ପାଇଁ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ହରିୟାଣା ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲରେ



ପହଞ୍ଚିଥିଲା।ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ ୨୦୧୧ରୁ ଆରମ୍ଭ ହୋଇଛି। ୨୦୧୬ରେ ଅନୁଷ୍ଠିତ ଷଷ୍ଠ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପରେ ଓଡିଶା ତୃତୀୟ ସ୍ଥାନ ହାସଲ କରିଥିଲା। ଆଉ ଏତେ ବର୍ଷର ଅପେକ୍ଷାକୁ ଅନ୍ତ କରି ଆଜି ଦଳ ଏହି ଚାମ୍ପିୟନଶିପର ଚତୁର୍ଦଶତମ ସଂସ୍କରଣରେ ଚାମ୍ପିୟନ ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ : ବି.ଇ.ଓଙ୍କ ପଦୋନ୍ନତି ପାଇଁ ଚାଲିଛି ମସୁଧା

ମାହାଙ୍ଗା ,(ପି.ଏନ): ପୂର୍ବରୁ ଯେଉଁଭଳି ଭାବରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ତାହା କେବଳ କାର୍ଯ୍ୟାଳୟ ଡାଏରୀରେ ପଞ୍ଜିକରଣ କରାଯାଇ ସଂପୃକ୍ତ ବିଭାଗକୁ ପଠାଇ ଦିଆଯାଉଥିଲା। ଠିକ୍ ସେହିଭଳି ବ ର୍ମାନର ମାନ୍ୟବର ମୁଖ୍ୟମନ୍ତ୍ରୀ ନିକଟରେ ଯଦି ଡାକଯୋଗେ ଅଭିଯୋଗ ପତ୍ର ପଠାଯାଉଛି ତେବେ ପୂର୍ବବ ୀ ଧାରାକୁ ଅବଲମ୍ବନ କରାଯାଇ ଅଭିଯୋଗକୁ କାର୍ଯ୍ୟାଳୟରେ ପଞ୍ଜିକରଣ କରାଯିବା ସହ ସଂପୃକ୍ତି ବିଭାଗକୁ ପଠାଇ ଦେଉଥିବା ସୂଚନା ତଥ୍ୟରୁ ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ ତା୧୮.୭. ୨୦୨୪ରିଖରେ ମାହାଙ୍ଗା ଅଂଚଳର ଗଣମାଧ୍ୟମ ପ୍ରତିନିଧି ବିବେକାନନ୍ଦ ଦାସ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ତଥ୍ୟ ନଂ୮୬୧ ତା ୨୪.୫.୨୦୨୪ରେ ପ୍ରଦାନ ତଥ୍ୟ ଅନୁଯାୟୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ହୋଇଥିବା ସଂପର୍କୀତ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିଲା। ଏ ସଂପର୍କରେ ତା୧୮.୮. ୨୦୨୪ରିଖରେ ସୂଚନା ତଥ୍ୟ ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଡ଼ିଶା ଚିଠି ନଂ୨୫୯୩ ତା୨୯.୮.୨୪ରିଖ ସୂଚନା ତଥ୍ୟରେ ଦର୍ଶାଯାଇଥିଲା ତା୧୮.୭.୨୦୨୪ରିଖର ଅଭିଯୋଗ ଏହି କାର୍ଯ୍ୟାଳୟ ଡାଏରୀ ସଂଖ୍ୟା ୪୯୩୨/ସିଏମ୍ ॥ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରେରଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ୨୧୮୮୭ ତା ୩୧.୮.୨୦୨୪ରିଖରେ ଲୋକସୂଚନା ଅଧିକାରୀ ଇନ୍‌ଚାର୍ଯ ସେକ୍‌ସନ୍ ଆଇ.ଭି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଲୋକସୂଚନା ଅଧିକାରୀ,ଜିଲ୍ଲାଶିକ୍ଷାଧିକାରୀଙ୍କୁ ସୂଚନା ତଥ୍ୟ ପ୍ରଦାନ ନିମନ୍ତେ ପଠାଯାଇଥିବା ଚିଠିରେ ଦର୍ଶାଯାଇଥିଲା। ପରବ ୀ ସମୟରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଓଡ଼ିଶା ୨୩୧୦୦ ତା ୧୨.୯.୨୦୨୪ରିଖରେ ଲୋକସୂଚନା ଅଧିକାରୀ ପ୍ରାଥମିକ ଶିକ୍ଷାନିର୍ଦ୍ଦେଶାଳୟ ଓଡ଼ିଶା ଭୁବନେଶ୍ୱରକୁ ଆବେଦନପତ୍ର ହସ୍ତାନ୍ତର କରଯାଇଥିବା ଦର୍ଶାଯାଇଥିଲା। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶା,ଭୁବନେଶ୍ୱର ଚିଠି ନଂ ୨୦୦୪୧ ତା ୨୬.୯. ୨୦୨୪ରିଖରେ ଲୋକସୂଚନା ଅଧିକାରୀ ଏବଂ ଏଷ୍ଟାବିଲିସ୍‌ମେ ସେକ୍‌ସନ୍ ପଠାଯାଇଥିବା ସୂଚନା ଦିଆଯାଇଥିଲା। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ୨୦୭୩୬ ତା ୫.୧୦.୨୦୨୪ରିଖରେ ଜିଲ୍ଲାଶିକ୍ଷାଧିକାରୀଙ୍କ କଟକଙ୍କୁ ସୂଚନା ତଥ୍ୟ ପ୍ରଦାନ ନିମନ୍ତେ ଚିଠି କରାଯାଇଥିବା ଜଣାପଡିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯେ ଏକମାସ ମଧ୍ୟରେ ସୂଚନା ତଥ୍ୟ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ କରାଯିବ ହେଲେ ବ ର୍ମାନ ସୁଧା ୧୮.୮.୨୦୨୪ରିଖରେ ସୂଚନା ତଥ୍ୟ ପାଇଁ ଆବେଦନ କରିଥିଲେ ମଧ୍ୟ ଆବେଦନକାରୀଙ୍କୁ ସୂଚନା ତଥ୍ୟ ପ୍ରଦାନ କରାଯାଉନାହିଁ। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏବେ ବି.ଇ.ଓ.ଙ୍କ ପଦୋନ୍ନତି ପାଇଁ ତାଲିକା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ନମ୍ବର ତା. ୨୮୪୨୫,ତା.୧୮.୧୧.୨୦୨୪ ରିଖରେ ପଦୋନ୍ନତି ପାଇବା ପାଇଁ ଅଫିସରମାନଙ୍କର ତାଲିକା ପ୍ରକାଶ ପାଇଛି । ୧୩ ନମ୍ବର ତାଲିକାରେ ବି.ଇ.ଓ. ମାହାଙ୍ଗା କଟକଙ୍କର ନାମ ରହିଛି । ତେବେ ପ୍ରଶ୍ନ ଉଠୁଛି କିଭଳି ଭାବରେ ବିଜେପି ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ତାଙ୍କର ପଦୋନ୍ନତି କରୁଛନ୍ତି । ଏହାଫଳରେ ସାଧାରଣରେ ସରକାରଙ୍କର ଏଭଳି ନୀତିକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି । ଯଦି ତଦନ୍ତ କରାଯାଇଛି ତେବେ ସୂଚନା ତଥ୍ୟ ମାଗିଲେ ତଥ୍ୟ ପ୍ରଦାନ କରାଯାଉ ନାହିଁ କାହା ସ୍ୱାର୍ଥରେ । ଏଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

## ଯୋଗେନ୍ଦ୍ର ଯାଦବଙ୍କ ସହ ଲୋହିଆ ଏକାଡେମୀରେ ବାର୍ତ୍ତାଳାପ

ଭୁବନେଶ୍ୱର,(ପି.ଏନ): ଦେଶର ବର୍ତ୍ତମାନର ସ୍ଥିତିକୁ କେବଳ ସଙ୍କଟର ନାମ ଦେଲେ ହେବ ନାହିଁ, ଶହେ ବର୍ଷର ସଂଗ୍ରାମର ନିର୍ଯ୍ୟାସ ରୂପେ ଯେଉଁ ସମ୍ବିଧାନ ଆମ ଭାରତରେ ପ୍ରସ୍ତୁତ ହୋଇଥିଲା, ତାହାକୁ ୨୦୧୯ ଆସିବା ବେଳକୁ ଆମେ ନଷ୍ଟ କରିସାରିଲୁଣି । ସ୍ୱାଧୀନତା ପରର ଗଣତନ୍ତ୍ର ସମ୍ପୂର୍ଣ୍ଣ ଲୋପ ପାଇସାରିଛି, ତାହା ସ୍ଥାନରେ ଗଣତନ୍ତ୍ର ଆଳରେ ହିନ୍ଦୁତ୍ୱ ଭଳି ଏକଛତ୍ରବାଦ ମୂଳକ ସମାଜ ସ୍ଥାପନ ନିମନ୍ତେ ପ୍ରୟାସ ଚାଲିଛି । ସେହି ଦୃଷ୍ଟିରୁ ଆମେମାନେ ବର୍ତ୍ତମାନ ନୋ ମ୍ୟାନ୍ସ ଲ୍ୟାଣ୍ଡରେ ଛିଡା ହୋଇଛୁ । ଭାରତ ଓ ଦକ୍ଷିଣ ଆଫ୍ରିକାର ସମ୍ବିଧାନ ବିଂଶ ଶତାବ୍ଦୀର ସମଗ୍ର ବିଶ୍ୱ ନିମନ୍ତେ ଶେଷ ଦସ୍ତାବିଜ ଅଟେ । ଏହାର ବିନଷ୍ଟର ଅର୍ଥ କେବଳ ଆମ ଦେଶ ନୁହେଁ ସମଗ୍ର ପୃଥିବୀର ଆମେ କ୍ଷତି କରୁଛେ । ଭାରତୀୟ ରାଜନୀତିରେ ଆଦର୍ଶଗତ ବିଚାର ସମାପ୍ତ ହୋଇଯାଇଛି । ସମାଜବାଦ ଉପରେ ଆଧାରିତ କରୁଣା, ଧର୍ମନିରପେକ୍ଷତା ଆଧାରିତ ମୈତ୍ରୀ ଓ ସମତା ଆଧାରିତ ନମ୍ରତା ଆମ ଗଣତନ୍ତ୍ରର ମୂଳାଧାର ଅଟେ । ୨୦୨୪ ସାଧାରଣ ନିର୍ବାଚନ କେନ୍ଦ୍ର ସରକାର ଓ ତାହାର ଆଦର୍ଶ କେନ୍ଦ୍ର ସଂଘ ପରିବାରକୁ ନୂଆ ସମ୍ବିଧାନ ଲାଗୁ କରିବାରେ ରୋକ ଲଗାଇଛି । ତେବେ ଆମକୁ ଆମ ମୂଳ ଗଣତନ୍ତ୍ର ଓ ସମ୍ବିଧାନକୁ ଫେରାଇ ଆଣିବାକୁ ସଂସଦୀୟ ଏକଛତ୍ରବାଦରୁ ଭାରତକୁ ମୁକ୍ତ କରିବାକୁ ପଡିବ ବୋଲି ଲୋହିଆ ଏକାଡ ?ମୀଠାରେ ଲୋହିଆ ଏକାଡ ?ମୀ, ଜୟ କିସାନ ଆନ୍‌ଦୋଳନ ଓ ଭାରତ ଯୋଡୋ ଆନ୍‌ଦୋଳନ ପକ୍ଷରୁ ଦେଶର ବିଶିଷ୍ଟ ସମାଜଶାସ୍ତ୍ରୀ ତଥା ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ଯୋଗେନ୍ଦ୍ର ଯାଦବ ଏକ ନାଗରିକ ଆଲୋଚନାରେ ମତବ୍ୟକ୍ତ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ତିନି ସ୍ତରରେ ଏକଛତ୍ରବାଦ ବିରୋଧରେ ଲଢିବାକୁ ହେବ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray